# ମନ୍ କୀ ବାତ୍

ଭାଗ. ୪



# MANN KI BAAT
## VOL.8

**Authors**
Sarda Mohan and Tanushree Banerji

**Illustrations and Cover Art**
Dilip Kadam

**Assistant Artist**
Ravindra Mokate

**Production**
Amar Chitra Katha

**Colourists**
Prakash Sivan, Prajeesh V. P. and Periasamy Samikannu

**Flat Colourists**
Vineesh S. Sreedharan and Srinath Malolan M.

**Layout Artist**
Akshay Khadilkar

**Published by**
Amar Chitra Katha Pvt. Ltd

ODIA

ISBN – 978-93-6127-321-6

Amar Chitra Katha Pvt. Ltd, January 2024

© Ministry of Culture, Govt of India, January 2024
All rights reserved. This book is sold subject to the condition that the publication may not be reproduced, stored in a retrieval system (including but not limited to computers, disks, external drives, electronic or digital devices, e-readers, websites), or transmitted in any form or by any means (including but not limited to cyclostyling, photocopying, docutech or other reprographic reproductions, mechanical, recording, electronic, digital versions) without the prior written permission of the publisher, nor be otherwise circulated in any form of binding or cover other than that in which it is published and without a similar condition being imposed on the subsequent purchaser.

You can now get ACK stories as part of your classroom with **ACK Learn**, a unique learning platform that brings these stories to your school with a range of workshops. Find out more at **www.acklearn.com** or write to us at **acklearn@ack-media.com**.

ମୋର ପ୍ରିୟ ଶିଶୁମାନେ,

କୁହାଯାଏ ଯେ, ଭାରତ ବିବିଧତାର ଏକ ଦେଶ। ଏ କଥା ସତ। ଆମ ଦେଶ ବିଭିନ୍ନ ଭାଷା ଏବଂ ସଂସ୍କୃତିକୁ ନେଇ ଗଠିତ ସତ, ହେଲେ, ଆମେ ମଧ୍ୟ ପରସ୍ପର ସଂଲଗ୍ନ ହୋଇ ରହିଛୁ।  ଯାହା ଆମକୁ ଯୋଡ଼ି ରଖିଛି, ତାହା ହେଲା ଆମ ମୂଲ୍ୟବୋଧ, ଆମ ଚିନ୍ତାଧାରା ଏବଂ ଆମ ଦୃଷ୍ଟିକୋଣ।

ଆପଣମାନେ ସମସ୍ତେ ଜାଣନ୍ତି ଯେ, ସବୁ ସ୍ଥାନରେ ପ୍ରାକୃତିକ ସଂପଦ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଜଙ୍ଗଲ ପରିସର ସଂକୁଚିତ ହେଉଛି, ଜଳାଶୟ ଶୁଖିବାରେ ଲାଗିଛି। ହେଲେ, ଆମ ଦେଶରେ ଏମିତି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କର 'ସମସ୍ୟା ସମାଧାନ' କରିବାର ଏକ ଦୃଷ୍ଟିଭଙ୍ଗୀ ରହିଛି। ସେମାନେ ସମସ୍ୟାକୁ ଦେଖିଛନ୍ତି, ତା'ର ସମାଧାନ ଉପାୟ ଭାବିଛନ୍ତି ଏବଂ ତା'ପରେ ଏହାକୁ କାର୍ଯ୍ୟକାରୀ କରାଇବା ପାଇଁ ଯାହା ବି କରିପାରିବେ, ସେ ସବୁ କରିଛନ୍ତି। ଏମିତି କରିବା ଦ୍ୱାରା ସେମାନେ ନିଜ ଜୀବନ ଧାରଣର ମାନବୃଦ୍ଧି କରିବା ସହିତ ସେମାନଙ୍କ ପଡ଼ୋଶୀମାନଙ୍କର, ଏମିତି କି ପକ୍ଷୀ ଓ ପ୍ରାଣୀମାନଙ୍କର ଜୀବନ ଧାରଣର ମାନ ବି ବଢ଼ାଇ ପାରିଛନ୍ତି।

ଆପଣମାନଙ୍କୁ ଏହା କହିବା ବେଳେ ମୁଁ ନିଜକୁ ଗର୍ବିତ ଅନୁଭବ କରେ ଯେ, ଆସାମର ଯାଦବ ପାୟେଙ୍ଗ ନିଜେ ନିଜେ ଗୋଟିଏ ଜଙ୍ଗଲ ସୃଷ୍ଟି କରିପାରିଛନ୍ତି। ଯେଉଁ ଜଙ୍ଗଲ ଆଜି, ବାଘ ଓ ଗଣ୍ଡାମାନଙ୍କର ବାସସ୍ଥଳୀରେ ପରିଣତ ହୋଇଛି।

ଆସାମଠାରୁ କାହିଁ କେତେ ଦୂର କେରଳରେ, ରଫି ରାମନାଥ ମଧ୍ୟ ଏକ କ୍ଷୁଦ୍ର ଜଙ୍ଗଲ ସୃଷ୍ଟି କରିଛନ୍ତି। ଓଡ଼ିଶାରେ ଅମରେଶ ସାମନ୍ତ, କର୍ଣ୍ଣାଟକରେ ସୁରେଶ କୁମାର, ଏବଂ ଉତ୍ତରାଖଣ୍ଡରେ ଜଗଦୀଶ କୁନିୟାଲ ମଧ୍ୟ ବୃକ୍ଷରୋପଣ କରି ଅନେକ ସମସ୍ୟାର ସମାଧାନ କରିଛନ୍ତି।

ମିଜୋରାମର ଲୋକେ ଚିତେ ଲୁଇ ନାମକ ସେମାନଙ୍କର ଏକ ପ୍ରିୟ ନଦୀକୁ ପରିଷ୍କାର କରିଛନ୍ତି ଏବଂ ତା'ପରେ ସେଥିରୁ ବାହାରିଥିବା ପ୍ଲାଷ୍ଟିକରେ ରାସ୍ତାଟିଏ ତିଆରି କରିଛନ୍ତି! ଦେଶର ଅନ୍ୟ ଏକ ପ୍ରମୁଖ ଭାଗ, ତାମିଲନାଡୁରେ ମହିଳାମାନେ ସେମାନଙ୍କର ଶୁଷ୍କ ନଦୀ ନାଗାନଦୀକୁ ପୁଣି ଜୀବନ ଦେଇଛନ୍ତି।

ତା'ହେଲେ ଆପଣମାନେ ଜାଣିଛନ୍ତି ଯେ ଆପଣ କେଉଁଠି ରହୁଛନ୍ତି ସେଥିରେ କିଛି ଯାଏଆସେ ନାହିଁ। ଆପଣ ଯଦି ନିଜ ଭିତରେ ଜଣେ 'ସମସ୍ୟା ସମାଧାନକାରୀ'ର ଦୃଷ୍ଟିଭଙ୍ଗୀ ସୃଷ୍ଟି କରିପାରିବେ, ତେବେ, ଯେଉଁଠି ରହିଲେ ବି ଆପଣ ସମାଜରେ ଏକ ପରିବର୍ତ୍ତନ ଆଣିପାରିବେ।



# ସୂଚୀପତ୍ର


| | | |
|---|---|---|
| 1 | ଅମରେଶ ସାମନ୍ତ | 3 |
| 2 | ଇନ୍ଦରପାଲ ସିଂହ ବାତ୍ରା | 6 |
| 3 | ଯାଦବ ପାୟେଙ୍ଗ | 9 |
| 4 | ଜଗଦୀଶ ଚନ୍ଦ୍ର କୁନିୟାଲ | 12 |
| 5 | ରଫି ରାମନାଥ | 15 |
| 6 | ରିପୁ ଦମନ ବେଭଲି | 18 |
| 7 | ନାଗାନଦୀ ନଈ | 21 |
| 8 | ସାଙ୍ଗେ ଶେରପା | 23 |
| 9 | ଚିତେ ଲୁଇ ବଞ୍ଚାଅ | 26 |
| 10 | ସୁରେଶ କୁମାର | 28 |
| 11 | ତୁଲସୀ ରାମ ଯାଦବ | 31 |

# ଅମରେଶ ସାମନ୍ତ


ଜଳବାୟୁ ପରିବର୍ତ୍ତନ ବିଷୟରେ ଜଣେ ପରିବେଶବିତଙ୍କ ସହିତ ଛାତ୍ରଛାତ୍ରୀମାନଙ୍କର ଏକ ବିଶେଷ ଶ୍ରେଣୀ ଚାଲିଥିଲା।
ସାର୍, ଏହା କ'ଣ ସତ ଯେ, ଆପଣ ନିଜେ ନିଜେ ଗୋଟିଏ ଜଙ୍ଗଲ ସୃଷ୍ଟି କରିଛନ୍ତି ?
ଏ ପର୍ଯ୍ୟନ୍ତ କରିନାହିଁ, ହେଲେ ମୁଁ ଅନ୍ୟ କେତେ ଜଣଙ୍କ ସହିତ ମିଶି ଏ ଦିଗରେ କାମ କରୁଛି।
ହେଲେ କାହିଁକି, ସାର୍? ଏହା ତ ଚାଷକାମ ଭଳି ନୁହେଁ, ଏଥିରୁ ଆପଣ କୌଣସି ଖାଦ୍ୟ ପାଆନ୍ତିନି।
ଜଙ୍ଗଲ ସୃଷ୍ଟି କରିଲେ ଅନେକ ଫାଇଦା ମିଳେ। ଏହା ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନର ମୁକାବିଲାରେ ସହାୟତା କରେ। ଏହା ବାୟୁକୁ ପରିଷ୍କାର କରିବାରେ ସହାୟତା କରେ, ପରିବେଶଗତ ବ୍ୟବସ୍ଥା ବଜାୟ ରଖିବା ସହିତ ଆଖପାଖ ଅଞ୍ଚଳରେ ପ୍ରବଳ ପବନ ଓ ବନ୍ୟାର ପ୍ରତିରୋଧ କରେ।
ପ୍ରଦୂଷଣ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ବୃକ୍ଷରୋପଣ ହିଁ ଏ ସମୟର ଆବଶ୍ୟକତା। ସୌଭାଗ୍ୟର କଥା ଯେ, ଜଙ୍ଗଲ ସୃଷ୍ଟି କରିବା ଦିଗରେ କେତେକ ବ୍ୟକ୍ତି କାର୍ଯ୍ୟ କରୁଛନ୍ତି। ସେମିତି ଜଣେ ବ୍ୟକ୍ତି ହେଲେ ଓଡ଼ିଶାର ଅମରେଶ ସାମନ୍ତ।
ତୁମମାନଙ୍କୁ ମୁଁ ତାଙ୍କ କାହାଣୀ ଶୁଣାଉଛି।
ଅମରେଶ ସାମନ୍ତ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ବିଶ୍ୱାଳି ନାମକ ଏକ ଗାଁରେ ବଢ଼ିଥିଲେ।
ଆମ ଗାଁ ଆଡ଼କୁ ଆଉ ଏକ ବାତ୍ୟା ମାଡ଼ି ଆସୁଛି। ଆମ ଘର ସୁରକ୍ଷିତ ରହିବ ବୋଲି ମୁଁ ଆଶା କରେ।
ବାତ୍ୟା ଯୋଗୁଁ ଏତେ ବେଶୀ କ୍ଷୟକ୍ଷତିକୁ ରୋକିବା ଦିଗରେ ଆମକୁ କିଛି କରିବାକୁ ପଡ଼ିବ।
ଅମରେଶ ଜଣେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଥିଲେ, କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟର ପ୍ରତିରୋଧ ଚିନ୍ତା ତାଙ୍କୁ ସବୁବେଳେ ଘାରୁଥିଲା।
ନଈକୂଳରେ ଗଛ ଲଗାଇଲେ ବାତ୍ୟାର ପ୍ରଭାବ ହ୍ରାସ କରିବାରେ ତାହା ସହାୟକ ହେବ ବୋଲି ମୁଁ ପଢ଼ିଛି। ଆପଣମାନେ ମୋତେ ସାହାଯ୍ୟ କରିବେ କି?
ଅବଶ୍ୟ କରିବୁ। ଆମେ ଆମ ସାଥିରେ ସାଙ୍ଗମାନଙ୍କୁ ବି ସାମିଲ କରାଇବୁ।


1995ରେ କେତେକ ସ୍ୱେଚ୍ଛାସେବୀଙ୍କ ସହିତ ମିଶି ଅମରେଶ ନଈ କୂଳରେ ଧାଡ଼ି ଧାଡ଼ି କରି ଗଛ ଲଗାଇଲେ।
ଆସ, ଏଥର ହ୍ରଦଶଯ୍ୟା କଡ଼ରେ ବି ଗଛ ଲଗାଇବା।
ଏବଂ ପାଖରେ ଯାଇଥିବା ରାସ୍ତା ଏବଂ କେତେକ ସର୍ବସାଧାରଣ ସ୍ଥାନରେ ବି ଲଗାଇବା।
ବର୍ଷ ପରେ ବର୍ଷ, ଅମରେଶ ଓ ତାଙ୍କ ଟିମ୍ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ଅଭିଯାନ ଚଳାଇଲେ।
କିନ୍ତୁ ଓଡ଼ିଶାରେ ଯେତେବେଳେ ଆଉ ଏକ ବାତ୍ୟା ହେଲା-
ଗଛଗୁଡ଼ିକ ଉପୁଡ଼ି ଯାଇଛି !
ଘରଦ୍ୱାର ଓ ଧନସଂପତ୍ତିର କ୍ଷୟକ୍ଷତି ପରିମାଣ ଆଦୌ କମ୍ ହେଲା ନାହିଁ।
ଏହି ସମସ୍ୟାର ସମାଧାନ ଖୋଜିବାରେ ଅମରେଶ ଅନେକ ବର୍ଷ ବିତାଇ ଦେଲେ। 2015ରେ -
ଗ୍ରାମ୍ୟ ଜଙ୍ଗଲ* ହିଁ ଏହାର ଉତ୍ତର। ଆମେ ଗଛଗୁଡ଼ିକୁ ଏକାଠି କରି ଲଗାଇ କ୍ଷୁଦ୍ର କ୍ଷୁଦ୍ର ଜଙ୍ଗଲ ସୃଷ୍ଟି କରିବା ଦରକାର। ଏହା ଫଳରେ ମୃତ୍ତିକା କ୍ଷୟ ନିୟନ୍ତ୍ରିତ ହେବ ଏବଂ ବାତ୍ୟା ଓ ବନ୍ୟାର ପ୍ରକୋପ ହ୍ରାସ ପାଇବ।
ହେଲେ ସେଥିପାଇଁ ଜମି କାହିଁ ?
ଦାନ ଆକାରରେ କିଛି ଜମି ଦେବା ଲାଗି ଅମରେଶ ଓ ତାଙ୍କ ଟିମ୍ ଗାଁ ଲୋକମାନଙ୍କୁ କହିଲେ।
ଆମେ ମାଗଣାରେ କାହିଁକି ଜମି ଦେବୁ ?
ଏଥିରେ ଖାଦ୍ୟ ପାଇଁ ଆଉ କିଛି ଫସଲ କରି ଆମେ ଏହାର ସଦୁପଯୋଗ କରିପାରିବୁ।
ସେମାନଙ୍କ ଅନୁରୋଧକୁ ଅନେକ ଗ୍ରାମବାସୀ ପ୍ରତ୍ୟାଖ୍ୟାନ କଲେ।

* ଗ୍ରାମାଞ୍ଚଳ ଜଙ୍ଗଲ




*ଗାଁର ମୁଖିଆ

^ସମ୍ମାନସୂଚକ ପଦ

# ଇନ୍ଦରପାଲ ସିଂହ ବାତ୍ରା




ଇନ୍ଦରପାଲ ଘରଚଟିଆଙ୍କ ଖାଇବା ପାଇଁ ବାହାରେ ଶସ୍ୟ ଓ ମଞ୍ଜି ଥୋଇବା ଆରମ୍ଭ କଲେ। ଶୀଘ୍ର -
ଦେଖ, କେତେକ ଘରଚଟିଆ ଖାଇବାକୁ ଆସିଛନ୍ତି। ସେମାନେ ପୁଣି ଆସିବେ ବୋଲି ମୁଁ ଆଶା କରେ।
କିଛି ସପ୍ତାହ ପରେ, ଇନ୍ଦରପାଲଙ୍କ ମନରେ ଏକ ନୂଆ ଭାବନା ଆସିଲା-
ମୁଁ ଏହି ପାତ୍ରରେ ଗୋଟିଏ କଣା କରିଦେଇଛି ଏବଂ ଏହାକୁ କୁଟାରେ ଭରି ଦେଇଛି। ମୁଁ ଏହାକୁ ଆମ ଘର ବାହାରେ ରଖିବାକୁ ଯାଉଛି ଏବଂ ଘରଚଟିଆମାନେ ଏହାକୁ ଏକ ବସା ଭାବେ ବ୍ୟବହାର କରିବେ ବୋଲି ଆଶା କରୁଛି।
ଶୀଘ୍ର -
ଦେଖ, ତୁମ ଚିନ୍ତାଧାରା କାମ କରିଛି।
ମତେ ଏତେ ଖୁସି ଲାଗୁଛି! ଘରଚଟିଆମାନେ ଆଉ ଅଧିକ ବସା କରିବା ଲାଗି ମୁଁ ଆଉ କେତେକ ମାଟିପାତ୍ର ବରାଦ ଦେବାକୁ ଯାଉଛି।
ଇନ୍ଦରପାଲ ଅନେକ ମାଟି ପାତ୍ରକୁ ପକ୍ଷୀବସା କରି ତାଙ୍କ ଘର ଭିତରେ ଓ ବାହାରେ ରଖିଲେ।
ଏବେ ଆମ ଘର ନିଶ୍ଚୟ ଏକ ବିଶେଷ ରୂପ ନେଇଛି !
ଠିକ୍, ଏହା ହୋଇଛି, ଏବଂ ଘରଚଟିଆମାନେ ରହିଲେ ଆମ ଆଖପାଖର ପରିବେଶ ବି ସେହିଭଳି ହୋଇଯିବ।


ଇନ୍ଦରପାଲ ନିୟମିତ ଭାବେ ଘରଚଟିଆମାନଙ୍କ ପାଇଁ ଖାଦ୍ୟ ଓ ପାଣି ରଖିଲେ ଏବଂ ବର୍ଷ କେଇଟାରେ ଘରଚଟିଆମାନେ ତାଙ୍କ ଘରକୁ ନିଜର କରିନେଲେ।
ପାପା, ଦେଖ, ସେ ମୋ ହାତରେ ବସିଛି।
ଏବେ ସେମାନେ ଏତେ ଅଧିକ ଅଛନ୍ତି ଅମୃତା। ଏହା ସତରେ ଚମତ୍କାର ନୁହେଁ କି?
ଅଧିକରୁ ଅଧିକ ପକ୍ଷୀ ଆସି ବସା ବାନ୍ଧିବା ଲାଗି ଇନ୍ଦରପାଲ ତାଙ୍କ ଆଖପାଖ ଅଞ୍ଚଳରେ ଗଛ ବି ଲଗାଇବା ଆରମ୍ଭ କଲେ।
ବର୍ଷ ପରେ ବର୍ଷ କରି ସେ ଶହ ଶହ ଗଛ ଲଗାଇଲେ।
ଇନ୍ଦରପାଲଙ୍କ ଘରର ଏ ରୂପାନ୍ତରଣ ଦେଖି ତାଙ୍କର କେତେ ଜଣ ପଡ଼ୋଶୀ ବି ଅନୁପ୍ରାଣିତ ହେଲେ।
ଇନ୍ଦରପାଲ, ତୁମେ ଯାହା କରୁଛ ତାହା ଚମତ୍କାର। ପକ୍ଷୀମାନଙ୍କ ସଂଖ୍ୟା ବଢ଼ିଗଲାଣି!
ଆମେ ବି ଘରଚଟିଆମାନଙ୍କ ସୁରକ୍ଷା ଦିଗରେ ସାହାଯ୍ୟ କରିବୁ।
ପକ୍ଷୀମାନଙ୍କ ପାଇଁ ନିୟମିତ ଭାବେ ଖାଲି ଖାଦ୍ୟ ଓ ପାଣି ରଖନ୍ତୁ ଏବଂ ସେମାନେ ନିଶ୍ଚିତ ଭାବେ ଆପଣଙ୍କ ଘର ଚାରିପଟେ ରହିବାକୁ ଆସିବେ।
ଇନ୍ଦରପାଲ 15 ବର୍ଷରୁ ଅଧିକ ସମୟ ହେଲା ଘରଚଟିଆମାନଙ୍କୁ ଖାଇବାକୁ ଦେଇ ଆସୁଛନ୍ତି। ଆଜି ତାଙ୍କ ଘରେ 100ରୁ ଅଧିକ ପକ୍ଷୀବସା ରହିଛି ଏବଂ ସେଥିରେ ପ୍ରାୟ 2,500 ଘରଚଟିଆ ରହୁଛନ୍ତି।
ଘରଚଟିଆମାନଙ୍କ ସଂରକ୍ଷଣ ଦିଗରେ ଇନ୍ଦରପାଲଙ୍କ କାମ ଅନ୍ୟ ଅନେକ ବ୍ୟକ୍ତିଙ୍କୁ ଅନୁପ୍ରାଣିତ କରିଛି। ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ତାଙ୍କ ଉଦ୍ୟମ ପ୍ରଶଂସିତ ହୋଇଛି।

# ଯାଦବ ପାୟେଙ୍ଗ



ସ୍କୁଲ ବଗିଚାରେ -
ଓଃ ନା! ଆମେ ଯେଉଁ ସବୁ ଚାରା ଲଗାଇଥିଲୁ, ସବୁ ଶୁଖିଯାଇଛି।
ସପ୍ତାହକ ତଳେ, ଛୁଟିଦିନ ଆଗରୁ ସେଗୁଡ଼ିକ ଠିକ୍ ଦିଶୁଥିଲେ।
କାରଣ ହେଉଛି, କେବଳ ଚାରା ରୋପଣ କରିଦେବା ଯଥେଷ୍ଟ ନୁହେଁ। ତୁମକୁ ତାହାର ଯତ୍ନ ନେବାକୁ ପଡ଼ିବ। ଆସାମର ଯାଦବ ପାୟେଙ୍ଗଙ୍କ ଭଳି, ଯେ କି ଏକା ଏକା ପୂରା ଜଙ୍ଗଲଟିଏ ସୃଷ୍ଟି କଲେ, ତାହା ବି ଏକ ବାଲିଆ ନଈପଠାରେ !
ମିସିଙ୍ଗ ଆଦିବାସୀ ସଂପ୍ରଦାୟର ଯାଦବ ମୋଲାଇ ପାୟେଙ୍ଗ ମାଜୁଲିରେ ରହନ୍ତି – ଯାହା ବିଶ୍ୱର ଅନ୍ୟତମ ସର୍ବବୃହତ୍ ନଦୀ ଦ୍ୱୀପ।
ତାଙ୍କୁ 16 ବର୍ଷ ହୋଇଥିବା ବେଳେ, 1979 ମସିହାର ଏକ ଉତ୍ତପ୍ତ ଅପରାହ୍ଣରେ, ଯାଦବ ଏମିତି କିଛି ଦେଖିଲେ, ଯାହା ତାଙ୍କ ଜୀବନକୁ ସବୁଦିନ ପାଇଁ ବଦଳାଇ ଦେଲା।
ଏତେଗୁଡ଼ିଏ ସାପ! ସବୁ ମରିଯାଇଛନ୍ତି!
ସେମାନଙ୍କ ପାଇଁ ବାଲି ଖୁବ୍ ତାତି ଯାଇଥିବ ଏବଂ ସେଥିରେ ଛାଇ ବି ପଡୁନାହିଁ।


ଏହିଭଳି ଗରମ କାରଣରୁ ଆମେମାନେ ବି ଦିନେ କ'ଣ ଏମିତି ମରିଯିବା ?
ଏହାକୁ ରୋକିବା ଲାଗି ମୁଁ କିଛି କରିବା ଉଚିତ।
ପରଦିନ ଯାଦବ ବାଲିପଠାରେ କେତେକ ବାଉଁଶ ଚାରା ଲଗାଇ ଦେଲେ ...
ଓହୋଃ ! ଏତେ ଗରମ ହେଉଛି।
... ଏବଂ ତା'ପରେ।
ଏହା ଖୁବ୍ କଠିନ କାମ ଥିଲା, କିନ୍ତୁ ସେ କରି ଚାଲିଲେ।
ତା'ପରେ, ସେ ଅନ୍ୟ ପ୍ରକାରର ଗଛ ବି ଲଗାଇଲେ। ସେ ପ୍ରତିଦିନ ଗୋଟିଏ ଲେଖାଏଁ ଗଛ ଲଗାଇଲେ, ଯେ ପର୍ଯ୍ୟନ୍ତ...
ପୂର୍ବରୁ ଯେଉଁଠି କେବଳ ବାଲି ଥିଲା ଏବେ ସେଥିରେ ଗଛ ବଢ଼ିଛି।


40 ବର୍ଷରୁ ଅଧିକ ସମୟ ପରେ, ସେହି ବାଲିପଠାକୁ ତାଙ୍କ ନାମ ଅନୁସାରେ ମୋଲାଇ ଜଙ୍ଗଲ ଭାବେ ନାମିତ କରାଗଲା। ଏବେ ଏଠାରେ ହାତୀ, ବାଘ, ଗଣ୍ଡା ଏବଂ ସବୁ ପ୍ରକାର ପକ୍ଷୀ ସେମାନଙ୍କ ଘର କରିଛନ୍ତି।


ଯାଦବଙ୍କ ଜୀବନ ଉପରେ ବହି ଲେଖାହୋଇଛି, ଚଳଚ୍ଚିତ୍ର ଓ ବୃତ୍ତଚିତ୍ର ନିର୍ମାଣ କରାଯାଇଛି। 'ଭାରତର ଜଙ୍ଗଲ ମାନବ' ନାମରେ ପରିଚିତ ଯାଦବଙ୍କୁ 2015ରେ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରାଯାଇଥିଲା।


ଏବେ ବି ଯାଦବ ଭୋର 4ଟା 30ରେ ଉଠନ୍ତି ଏବଂ ତାଙ୍କ ଜଙ୍ଗଲର ଯତ୍ନ ନେବାକୁ ସେଠାକୁ ଯାଆନ୍ତି।
ମୁଁ ଏକୁଟିଆ ଏହାକୁ ସୃଷ୍ଟି କରିନାହିଁ। ମୁଁ କେବଳ ଗଛ ଲଗାଇ ଦେଲି। ଥରେ ଗଛରେ ମଞ୍ଜି ଧରିଗଲେ, ସେଗୁଡ଼ିକ କେମିତି ଲଗାଇବାକୁ ହେବ ପବନ ଜାଣିଛି, କେମିତି ବିହନ ବୁଣିବାକୁ ହେବ ପକ୍ଷୀମାନେ ଜାଣିଛନ୍ତି, ପ୍ରାଣୀମାନେ ବି ଜାଣିଛନ୍ତି, ଏମିତି କି ବ୍ରହ୍ମପୁତ୍ର ନଦୀ ବି ଜାଣିଛି। ସାରା ପରିବେଶର ବ୍ୟବସ୍ଥା ଜାଣିଛି।
ଯାଦବ ପ୍ରକୃତିର ଭାଷା ବୁଝିଛନ୍ତି ଏବଂ ତାହା ସହିତ ଜଣେ ହୋଇ ରହିଛନ୍ତି।

# ଜଗଦୀଶ ଚନ୍ଦ୍ର କୁନିୟାଲ




*ବର୍ଷାପାଣିର ପାହାଡ଼ି ଝରଣା

^1970 ଦଶକରେ ପରିବେଶ ସୁରକ୍ଷା ନିମନ୍ତେ ଏକ ଆନ୍ଦୋଳନ, ଯେଉଁଥିରେ ଗଛକଟା ରୋକିବା ଲାଗି ଲୋକେ ଗଛଗୁଡ଼ିକୁ କୁଣ୍ଢାଇ ଧରିଥିଲେ




*Uncle in Hindi



ସେହି ବର୍ଷ, ପାହାଡ଼ିଆ ଅଞ୍ଚଳରେ ଚା’ ବଗିଚା ସ୍ଥାପନ ଲାଗି ସରକାର ଏକ ଯୋଜନା ଆରମ୍ଭ କଲେ।
ପର୍ବତ ଉନ୍ନୟନ କାର୍ଯ୍ୟକ୍ରମରେ ଉତ୍ତରାଖଣ୍ଡ ସରକାର ଚା’ ଚାଷକୁ ପ୍ରୋତ୍ସାହନ ଦେଉଛନ୍ତି।
ମୁଁ ଏହା କରିବାକୁ ଯାଉଛି। ମୁଁ ଯଦି ଚା’ ଗଛ ଲଗାଇ ଜଣେ ଜଗୁଆଳ ରଖିବି, ଚାରା ଓ ଗଛଗୁଡ଼ିକର ଯତ୍ନ ବି ନିଆଯାଇପାରିବ।
ଜଗଦୀଶ ତାଙ୍କ ଉଦ୍ୟମ ଅବ୍ୟାହତ ରଖିଲେ ଏବଂ ଜଙ୍ଗଲ ଅଞ୍ଚଳ ବଢ଼ିବାରେ ଲାଗିଲା।
ଶେଷରେ, 2012ରେ -
ଗଧେରାରୁ ପାଣି ଝରିବାରେ ଲାଗିଛି! ବିଶ୍ୱାସ କରିବା ଲାଗି ଆସନ୍ତୁ ଏବଂ ଏହାକୁ ଦେଖନ୍ତୁ।
ଏହି ଦିନଟି ପାଇଁ ମୁଁ ଏତେ ବର୍ଷ ଧରି ଅପେକ୍ଷା କରିଥିଲି।
ତୁମ କଠିନ ପରିଶ୍ରମର ଫଳ ମିଳିଛି, ପୁଅ ! ଆମ ପାଇଁ ଲଜ୍ଜାର ବିଷୟ ଯେ ଆମେ ତୁମକୁ ବିଶ୍ୱାସ କରି ନଥିଲୁ।
ଆମ ଭବିଷ୍ୟତ ସୁରକ୍ଷିତ। ଏହା ଏତେ ବଡ଼ ଖୁସିର କଥା ଯେ, ପଇସାରେ କିଣି ହେବା ଭଳି କୌଣସି ଜିନିଷରୁ ମିଳିବ ନାହିଁ।
ଜଗଦୀଶଙ୍କ ସଫଳତାରେ ସାରା ସିରକୋଟ ଗାଁ ଆନନ୍ଦିତ ହୋଇ ଉଠିଲା।
ଏହି ଗଧେରାର ପାଣି ଉପରେ 150ରୁ ଅଧିକ ପରିବାର ନିର୍ଭର କରନ୍ତି ଏବଂ ତୁମେ ସେମାନଙ୍କ ଜୀବନ ବଦଳାଇ ଦେଲ। ଆଶା ଛାଡ଼ି ନଥିବାରୁ ତୁମକୁ ଧନ୍ୟବାଦ।
ଏଣିକି ଗଧେରାକୁ ପାଣିରେ ଭରି ରଖିବା ଲାଗି ଆମେ ସମସ୍ତେ ନିଶ୍ଚିତ ଭାବରେ ଗଛ ଲଗାଇବା।
30 ବର୍ଷରୁ ଅଧିକ ସମୟ ଧରି, ଜଗଦୀଶ ତାଙ୍କ ଗାଁରେ 15,000 ଗଛ ଲଗାଇଲେ। ଘଟଣାକ୍ରମରେ -
ଆମେ ପଡ଼ିଶା ଗାଁରୁ ଆସିଛୁ ଏବଂ ଆମେ ବି ଆମ ଜଳ ଉତ୍ସକୁ ପୁଣି ଜୀବନ ଦେବାକୁ ଚାହୁଁଛୁ। ଆମେ କେମିତି କାମ ଆରମ୍ଭ କରିବୁ ?
ଚାରା ଲଗାଇବା ଆରମ୍ଭ କରନ୍ତୁ ଏବଂ ମନେ ରଖନ୍ତୁ ଯେ ଗୋଟିଏ ଗଛ କଟା ହେଲେ ପାଞ୍ଚଟି ଗଛ ଲଗାଇବେ।

# ରଫି ରାମନାଥ




*କେରଳର ଆଲାପୁଜାରେ


କିଛି ସପ୍ତାହ ପରେ -
ଚାଲ, ଆମକୁ ସ୍କୁଲରୁ ମିଳିଥିବା ଏହି ଖାଲି ସ୍ଥାନରେ ଏକ ଔଷଧୀୟ ବଗିଚା କରିବା। ଆମେ ଏଥିରେ ନିମ୍ବ ଏବଂ ଅଶୋକ ଭଳି ଗଛ ଲଗାଇବା।
ବଗିଚା ଆରମ୍ଭ କରିବା ଲାଗି ରଫି ବନ ବିଭାଗରୁ ଚାରା ସଂଗ୍ରହ କଲେ।
ବର୍ଷ ପରେ ବର୍ଷ, ରଫି ଏବଂ ତାଙ୍କ ଛାତ୍ରଛାତ୍ରୀମାନେ ଏଥିରେ ବିଭିନ୍ନ ପ୍ରକାରର ଅନେକ ଔଷଧୀୟ ବୃକ୍ଷ ଲଗାଇଲେ।
ଆସନ୍ତା ବର୍ଷ ଆମେ ସ୍କୁଲ ଛାଡ଼ି ଚାଲିଯିବା ପରେ କ'ଣ ହେବ ?
ପରବର୍ତ୍ତୀ ବ୍ୟାଚ୍ ଛାତ୍ରଛାତ୍ରୀମାନେ ଏହି ବଗିଚାର ଯତ୍ନ ନେବେ।
ଏହି ଔଷଧୀୟ ବଗିଚାରେ 150ରୁ ଅଧିକ ପ୍ରକାରର ଗଛ ରହିଛି ଏବଂ 13 ବର୍ଷରୁ ଅଧିକ ସମୟ ହେଲା ଛାତ୍ରଛାତ୍ରୀମାନେ ସେଗୁଡ଼ିକର ଯତ୍ନ ନେଇଆସିଛନ୍ତି।
ଏହି ଔଷଧୀୟ ଉଦ୍ୟାନ ସଫଳ ହୋଇଛି। ଏଣିକି ମୁଁ ପରିବେଶ ସଂରକ୍ଷଣ ଦିଗରେ ଅଧିକ ସମୟ ଓ ଶକ୍ତି ବିନିଯୋଗ କରିବି।
ଅତି ଶୀଘ୍ର ଗୋଟିଏ ଅଣ-ସରକାରୀ ସଂଗଠନ ସହଯୋଗରେ ରଫି ସାରା ଜିଲ୍ଲାରେ ବୃକ୍ଷରୋପଣ ଅଭିଯାନ ଚଳାଇଲେ।
ଆମର ପରବର୍ତ୍ତୀ ଅଭିଯାନରେ ଯୋଗ ଦେବାକୁ ଆପଣଙ୍କ ବନ୍ଧୁମାନଙ୍କୁ ଓ ପରିବାର ଲୋକଙ୍କୁ କହନ୍ତୁ। ନିଜ ଘର ପାଖରେ ଗଛ ଲଗାଇବାକୁ ଚାହୁଁଥିବା ଲୋକମାନଙ୍କୁ ବି ଆମେ ଚାରା ଦେଉଛୁ।
ବର୍ଷ ବର୍ଷ ଧରି, ରଫି ଏକ ଲକ୍ଷରୁ ଅଧିକ ଗଛ ଲଗାଇଛନ୍ତି ଏବଂ ଦୁଇ ଲକ୍ଷରୁ ଅଧିକ ଚାରା ବାଣ୍ଟିଛନ୍ତି।




*2168 ବର୍ଗ ଫୁଟ

^ଜ୍ଞାନର ବନ

# ରିପୁ ଦମନ ବେଭଲି



ଦିଲ୍ଲୀରେ ପ୍ରଦୂଷଣ ସ୍ତର ଭୟଙ୍କର ଭାବରେ ବଢ଼ିଲାଣି। ମୁଁ ଭାବୁଛି, ତୁମେମାନେ ସ୍କୁଲ ଆସିବା ବେଳେ ମାସ୍କ ପିନ୍ଧୁଥିବ।
ହଁ ସାର୍, ଏହା ଦିନକୁ ଦିନ ଖରାପ ହେଲା ଭଳି ଲାଗୁଛି।
ଏଥିରୁ ମୋର ରିପୁ ଦମନ ବେଭଲିଙ୍କ କଥା ମନେ ପଡ଼େ, ଯିଏ କି ଏକ ବିଶେଷ ଉପାୟରେ ପ୍ରଦୂଷଣର ମୁକାବିଲା କରିଥିଲେ।
ରିପୁ ଦମନ ବେଭଲି ତାଙ୍କ ମଆ ରଣବୀର କୌର ଏବଂ ସାନ ଭାଉଣୀ ଜସ୍ମିନ ସହିତ ଦିଲ୍ଲୀରେ ରହୁଥିଲେ।
ରିପୁଙ୍କ ବୟସ ମାତ୍ର ଛଅ ବର୍ଷ ହୋଇଥିଲେ ମଧ ସେ ଖୁବ୍ ଭଲ ଭାବରେ ଜସ୍ମିନଙ୍କ ଯତ୍ନ ନେଉଥିଲେ।
ରଣବୀର ମଧ ଲକ୍ଷ୍ୟ କରିଥିଲେ ଯେ ତାଙ୍କର ବିଭିନ୍ନ ଖେଳ, ଖାସ୍ କରି କ୍ରିକେଟ ପ୍ରତି ବିଶେଷ ଆଗ୍ରହ ରହିଛି।
ପରବର୍ତ୍ତୀ କିଛି ବର୍ଷ ମଧରେ ରିପୁ ରାଜ୍ୟ ସ୍ତରରେ କ୍ରିକେଟ ଖେଳିବାକୁ ଯାଇଥିଲେ।
ମୋତେ ମୋ ଖେଳରେ ଉନ୍ନତି କରିବାକୁ ହେବ। ମୁଁ ଦିନେ ଭାରତର ପ୍ରତିନିଧିତ୍ୱ କରିବି।




*ସାଇନସ୍ ବା ମସ୍ତିଷ୍କ ସଂଲଗ୍ନ ବିଭିନ୍ନ ଶିରାରେ ପୀଡ଼ା
^ ପ୍ଲୋଗିଙ୍ଗ ଅଭିଯାନର ପ୍ରତିଷ୍ଠାତା

**ପ୍ଲୋଗିଙ୍ଗ ସ୍ୱିଡେନ୍ ଭାଷାରେ 'ପ୍ଲୋକା ଅପ୍' ଅର୍ଥାତ୍ 'ପିକ୍ ଅପ୍' ବା ଉଠାଇବା ସହିତ 'ଜଗିଙ୍ଗ'ର ମିଶ୍ରଣରୁ ସୃଷ୍ଟ ଶବ୍ଦ




*ଯେଉଁ ଲୋକ ଅଳିଆ କରନ୍ତି
^ଯେଉଁ ଲୋକ ସଫା କରନ୍ତି

**ଉପବାସ
^^ ଯାତ୍ରା

# ନାଗାନଦୀ ନଈ




*ତାମିଲନାଡୁର ଭେଲୋର ଜିଲ୍ଲାରେ ଏକ ଗାଁ

^ପାରମ୍ପରିକ ଜଳଭରଣା କୂଅ


ଯେତେବେଳେ ଗାଁର କେହି ହେଲେ ଆଗକୁ ଆସିଲେ ନାହିଁ, ପ୍ରଥମ ପାଞ୍ଚଟି ରିଚାର୍ଜ ୱେଲ୍ ଖୋଳିବା ଲାଗି ଫାଉଣ୍ଡେସନ ପକ୍ଷରୁ ଚେନ୍ନାଇରୁ ସ୍ୱେଚ୍ଛାସେବୀମାନଙ୍କୁ ଅଣାଗଲା। ଦୁଇ ମାସ ପରେ, ଜିଲ୍ଲାପାଳ ସେ ଅଞ୍ଚଳ ପରିଦର୍ଶନ କଲେ।
ଦଶ ବର୍ଷ ଧରି ଏହା ପାଣିର ସର୍ବୋଚ୍ଚ ସ୍ତର ରହିଆସିଥିଲା। ଆମେ ଯଦି ଗାଁ ଲୋକଙ୍କୁ ନିୟୋଜିତ କରିବା ଏବଂ ପ୍ରଶିକ୍ଷଣ ଦେଇ ପାରିବା, ତେବେ, ଅନ୍ୟ ଗାଁକୁ ମଧ୍ୟ ଏହି କାମ ସଂପ୍ରସାରିତ କରାଇପାରିବା।
ଏହା ଖୁବ୍ ଉତ୍ସାହଜନକ। ଆମେ ଆପଣଙ୍କୁ ସଂପୂର୍ଣ୍ଣ ସରକାରୀ ସହାୟତା ଦେବୁ।
ଶୀଘ୍ର -
ଅକ୍କା*, ଆମେ ନଈକୁ ବଞ୍ଚାଇ ରଖିବା ଲାଗି ପ୍ରସ୍ତୁତ।
ଖୁବ୍ ଭଲ ! ଆମେ ପ୍ରତି ପରିବାରର ଜଣେ ଲେଖାଏଁ ସଦସ୍ୟଙ୍କୁ ନିଶ୍ଚିତ ଭାବରେ 100 ଦିନର କାମ ଦେବୁ। ଆମେ ମଧ୍ୟ ରିଚାର୍ଜ ୱେଲ୍ ନିର୍ମାଣ ସଂପର୍କରେ 15 ଦିନିଆ ତାଲିମ ଦେବୁ।
20 ଜଣ ମହିଳା ରିଚାର୍ଜ ୱେଲ୍ ଖୋଳିବା ଆରମ୍ଭ କଲେ ଏବଂ ସେହି ସବୁ କୂଅ ଭିତରେ ବର୍ଷା ପାଣି ପଶିବାରେ ଲାଗିଲା।
ଅତି ଶୀଘ୍ର ମହିଳାମାନେ କୂଅଗୁଡ଼ିକୁ ଧାଡ଼ିରେ ରଖୁଥିବା ସିମେଣ୍ଟ ନଦ ତିଆରି ଶିଖିଗଲେ ଏବଂ ଅଧିକ ରୋଜଗାର କଲେ।
ପୁରୁଷମାନେ ଆହୁରି ଭଲ କାମ କରିପାରିବେ। ଏହାକୁ ଆମ ହାତରେ ଛାଡ଼ି ଦିଅ।
ସତେ କି? ଏତେ ବର୍ଷ ହେଲା ତୁମେମାନେ କେଉଁଠି ଥିଲ? ଏ ଅଞ୍ଚଳ ମରୁଭୂମିରେ ପରିଣତ ହେବାକୁ ଅପେକ୍ଷା କରିଥିଲ ?
କଥା ବ୍ୟାପିବାରେ ଲାଗିଲା ଏବଂ 2016 ସୁଦ୍ଧା 1,200 ଲୋକ, ଅଧିକାଂଶ ମହିଳା, ସେ ଅଞ୍ଚଳରେ 354ଟି ରିଚାର୍ଜ ୱେଲ ନିର୍ମାଣ କରିଦେଲେ।
ପରବର୍ତ୍ତୀ ତିନି ବର୍ଷରେ, 20,000ରୁ ଅଧିକ ମହିଳା ଏକାଠି କାମ କଲେ ଏବଂ ସାରା ଭେଲୋର ଜିଲ୍ଲାରେ 3,700 ରିଚାର୍ଜ ୱେଲ୍ ଏବଂ ପଥରଖଣ୍ଡରେ ଆଡ଼ିବନ୍ଧ ନିର୍ମାଣ କରିଲେ।
ବର୍ଷା ଋତୁରେ ନଈ ଭଲ ଭାବରେ ବହେ।
ହଁ ଏହାର ଦୁଇ କୂଳରେ ଅଧିକ ସବୁଜିମା ବି ରହିଛି। ଆମେ ଆମ ନଈ ଏବଂ ଗାଁଗୁଡ଼ିକୁ ପୁନର୍ଜୀବିତ କରାଉଛୁ।
ଏହି ପ୍ରକଳ୍ପ ଯୋଗୁଁ ନାଗାନଦୀ କୂଳରେ ଥିବା 400ରୁ ଅଧିକ ଗାଁରେ ପାଣି ପହଞ୍ଚିଲା। 2019 ସୁଦ୍ଧା -
ଆଗରୁ ଆମେ ବର୍ଷା ଋତୁରେ କେବଳ ଗୋଟିଏ ଫସଲ ହିଁ କରୁଥିଲୁ। ଏବେ ଆମେ ଶୁଷ୍କ ଋତୁରେ ବି ଫସଲ କରୁଛୁ।
ଏହି ନଈ ବାସ୍ତବରେ ଆମ ଜୀବନକୁ ରୂପାନ୍ତରିତ କରିଛି।

*ତାମିଲ ଭାଷାରେ ଭଉଣୀ

# ସାଙ୍ଗେ ଶେରପା













* ସିକ୍କିମର ଏକ ଗାଁ

^ 'ସୋ' ଅର୍ଥ 'ହ୍ରଦ' ଏବଂ 'ମଗୋ' ଅର୍ଥ 'ମୁଣ୍ଡ'




*ସିକ୍କିମର ରାଜଧାନୀ
^ ସିକ୍କିମ ଓ ତିବ୍ବତ ମଧ୍ୟରେ ଏକ ପାହାଡ଼ିଆ ରାସ୍ତା

**ସୋମଗୋ ହ୍ରଦ ସଂରକ୍ଷଣ କମିଟି
^^ ୱାର୍ଲଡ ୱାଇଡ୍ ଫଣ୍ଡ ଫର୍ ନେଚର



ସରକାର ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସେ ସଂଯୋଗ ରୂପେ କାମ କଲେ ଏବଂ TPSS ପାଇଁ ପରିବର୍ତ୍ତନ ପରିଚାଳନା କାର୍ଯ୍ୟକ୍ରମକୁ ଆଗେଇ ନେବା ଆରମ୍ଭ କଲେ।
ଫାଷ୍ଟ ଫୁଡ୍ ଦୋକାନଗୁଡ଼ିକ ହିଁ ପ୍ରଦୂଷଣର ମୁଖ୍ୟ ସ୍ରୋତ। ସେଗୁଡ଼ିକ ହ୍ରଦ ନିକଟ ଆର୍ଦ୍ରଭୂମିରେ ରହିଛି। ଆମେ ସେଗୁଡ଼ିକୁ ବହୁ ଦୂରକୁ ନେଇଯିବା।
ପ୍ଲାଷ୍ଟିକ ବ୍ୟାଗ ବଦଳରେ ଆମେ ପର୍ଯ୍ୟଟକମାନଙ୍କୁ କପଡ଼ା ବ୍ୟାଗ ଯୋଗାଇ ଦେଇପାରିବା।
ଦୋକାନ ପରିସରକୁ ସୋମଗୋର 100 ମିଟର ତଳେ ଥିବା ଏକ ସ୍ଥାନକୁ ଘୁଞ୍ଚାଇ ଦିଆଗଲା ଏବଂ ଏହା ଫଳରେ ହ୍ରଦ ଭିତରକୁ ନଳାପାଣି ଛାଡ଼ିବା ବନ୍ଦ ହୋଇଗଲା।
TPSS ମାଧ୍ୟମରେ ସାଙ୍ଗେ ଓ ତାଙ୍କ ବନ୍ଧୁମାନେ ଆହୁରି ଅନେକ ଉଲ୍ଲେଖନୀୟ ପରିବର୍ତ୍ତନ କରିଲେ।
ଏଠାରେ ସବୁଠାରୁ ଅଧିକ ସଂଖ୍ୟାରେ କପ୍ ନୁଡଲ ବାକସଗୁଡ଼ିକ ଫିଙ୍ଗାଯାଉଛି। ତୁରନ୍ତ ସେଗୁଡ଼ିକର ବିକ୍ରି ବନ୍ଦ କରିଦିଆଯାଉ।
ଆଉ ହ୍ରଦ ଚାରିପଟେ ଆମେ ଆହୁରି ଅଧିକ ଆବର୍ଜନା କୁଣ୍ଡ ରଖିବା ବି ଦରକାର।
ଦିନକୁ ଦୁଇ ଥର ହ୍ରଦ ଚାରିପଟ ଜାଗା ସଫା କରାଗଲା ଏବଂ ସଂଗୃହୀତ ବର୍ଜ୍ୟବସ୍ତୁକୁ ପୃଥକୀକରଣ ନିମନ୍ତେ ନିଆଗଲା।
ରିସାଇକ୍ଲ ବା ପୁଣି ବ୍ୟବହାର ଲାଗି ପ୍ରସ୍ତୁତ କରାଯିବା ଭଳି ଅଳିଆ ସଂଗ୍ରହ କରାଯାଇ ରଦ୍ଦି ମାଲ ବିକ୍ରେତାଙ୍କୁ ଦିଆଗଲା ଏବଂ ରିସାଇକ୍ଲ କରାଗଲା।
ସୋମଗୋର ସୁରକ୍ଷା ଦିଗରେ ଉଦ୍ୟମ ପାଇଁ TPSS ସିକ୍କିମ ସରକାରଙ୍କ ପାଖରୁ ଅନେକ ପୁରସ୍କାର ହାସଲ କଲା।
ସାମୂହିକ ଲକ୍ଷ୍ୟ ସାଧନ ଦିଗରେ ଗୋଟିଏ ସଂପ୍ରଦାୟ ଏକତ୍ର ହୋଇ କାମ କରିବାର ଏକ ଚମତ୍କାର ଉଦାହରଣ !
ଆଜି, ବାର୍ଷିକ ଚାରି ଲକ୍ଷରୁ ଅଧିକ ପର୍ଯ୍ୟଟକଙ୍କ ଆଗମନ ସତ୍ତ୍ୱେ ସିକ୍କିମ ଭାରତର ଅନ୍ୟତମ ପରିଷ୍କାର ରାଜ୍ୟ ରୂପେ ପରିଗଣିତ।
ଏହି କୃତିତ୍ୱ ହାସଲ କ୍ଷେତ୍ରରେ ସାଙ୍ଗେଙ୍କ ଅବଦାନକୁ ଭାରତର ପ୍ରଧାନ ମନ୍ତ୍ରୀ ମଧ୍ୟ ପ୍ରଶଂସା କରିଛନ୍ତି।
ସାଙ୍ଗେ ଶେରପାଜୀଙ୍କ ଉଦ୍ୟମ ବଳରେ, ସିକ୍କିମର ଏକ ସାଂସ୍କୃତିକ ପ୍ରତୀକ, ସୋମଗୋର ରୂପାନ୍ତରଣ ହୋଇପାରିଛି।
ପରିବେଶ ସଂରକ୍ଷଣର ଗୁରୁତ୍ୱ ସଂପର୍କରେ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକମାନଙ୍କୁ ସାଙ୍ଗେ ସଚେତନ ଏବଂ ଅନୁପ୍ରାଣିତ କରିବା ଅବ୍ୟାହତ ରଖିଛନ୍ତି।

# ଚିତେ ଲୁଇ ବଞ୍ଚାଅ




*ମିଜୋରାମର ରାଜଧାନୀ

^ମିଜୋରାମର ଲୋକ




*କୌଣସି ଜଳାଶୟ ଭିତରେ ମାଟିକାଦୁଅ ପ୍ରବେଶକୁ ରୋକିବା ଲାଗି ଏହାକୁ ଧରି ରଖୁଥିବା ଛୋଟ ଛୋଟ ବନ୍ଧ

^ନ୍ୟାସନାଲ ସର୍ଭିସ୍ ସ୍କିମ୍ (ଜାତୀୟ ସେବା ସଂସ୍ଥା)

# ସୁରେଶ କୁମାର



ସାର୍, ଆମେ ପରିବର୍ତ୍ତନ କରିବା କଥା କହିବାରେ ଲାଗିଛୁ, ହେଲେ ଆମେ ଏଥିପାଇଁ କ'ଣ କରୁଛୁ? କାମ କରିବା ପାଇଁ ଅନେକ ଲକ୍ଷ୍ୟ ରହିଛି।
ତୁମେ ଅନ୍ତରଙ୍ଗ ଭାବେ ଭଲ ପାଉଥିବା ଗୋଟିଏ ଲକ୍ଷ୍ୟରୁ ଆରମ୍ଭ କର ଏବଂ ଏହା ଉପରେ କାମ କର, ଚରଣ।
ଆଜିକାର ଏହି କାହାଣୀର ନାୟକ ସୁରେଶ କୁମାରଙ୍କ ଭଳି, ଯେ ତାଙ୍କ ସହରର ଗୋଟିଏ ଭାଗକୁ ସବୁଜ ଓ ସୁନ୍ଦର କରିବା ଲାଗି ଅନେକ ବର୍ଷ ବିତାଇ ଦେଇଥିଲେ।
ବେଙ୍ଗାଲୁରୁର ସହକାର ନଗର ବାସିନ୍ଦା ସୁରେଶ କୁମାର, ବହୁ ବର୍ଷ ଧରି ଯେଉଁ ଗୋଟିଏ ନୀତି ଅନୁସରଣ କରିଆସୁଥିଲେ ତାହା ହେଲା 'ତୁମେ ପୃଥିବୀର ଯେଉଁ ପରିବର୍ତ୍ତନ ଚାହୁଁଛ ନିଜେ ତାହା ହୁଅ'।
ପ୍ରାୟ କୋଡ଼ିଏ ବର୍ଷ ତଳେ, ସୁରେଶ ସହକାର ନଗରରେ 2,500 ଚାରା ରୋପଣ କରିଥିଲେ। ଏଗୁଡ଼ିକ ଏବେ ସଂପୂର୍ଣ୍ଣ ବିକଶିତ ଗଛ ଏବଂ ପ୍ରତି ଗଛକୁ ଜଣେ ଜଣେ ସାଂସ୍କୃତିକ ଖ୍ୟାତିସଂପନ୍ନ ବ୍ୟକ୍ତିଙ୍କ ନାମରେ ନାମିତ କରାଯାଇଛି।
ଏକ ଗୁରୁତ୍ୱପୂର୍ଣ୍ଣ ନିରୀକ୍ଷଣରୁ ଉତ୍ପନ୍ନ ହୋଇଥିଲା ଚାରା ରୋପଣ ନିଷ୍ପତ୍ତି।


ଭାରତର 'ଉଦ୍ୟାନ ନଗରୀ' ରୂପେ ପରିଚିତ ବେଙ୍ଗାଲୁରୁରେ ଏକଦା ଅନେକ ବୃକ୍ଷଲତା, ବିଶାଳ ବଗିଚା ଏବଂ ହ୍ରଦ ଭରି ରହିଥିଲା।
1973
1992
2008
2021
ଦୁଃଖର କଥା ଯେ ଗତ 50 ବର୍ଷ ଭିତରେ ଏହି ସହର ତା'ର 88% ସବୁଜିମା ଏବଂ ଦ୍ରୁତ ସହରୀକରଣ ଯୋଗୁଁ 79% ଜଳୀୟ ଉତ୍ସ ହରାଇଛି।
ଏହି ଦ୍ରୁତ ଅବକ୍ଷୟ ଖୁବ୍ କଷ୍ଟଦାୟକ। ଯଦି ଶୀଘ୍ର ଆମେ କିଛି ନ କରୁ, ତେବେ ଏଠାକାର ବୃକ୍ଷଲତା ସବୁଦିନ ପାଇଁ ଲୋପ ପାଇଯିବ।
ମୁଖ୍ୟ ରାସ୍ତାରେ, ରେଳ ଧାରଣା କଡ଼ରେ ଏବଂ ସହକାର ନଗରର ବିଭିନ୍ନ ପାର୍କରେ ସୁରେଶ ଚାରା ଲଗାଇବା ଆରମ୍ଭ କଲେ।
ଆମେ ଯେତେ ବେଶୀ ଗଛ ଲଗାଇବା ଆମ ଭବିଷ୍ୟତରେ ସେତେ ସବୁଜିମା ଭରିଯିବ !
ସେ ଅଞ୍ଚଳର ବାସିନ୍ଦାମାନଙ୍କୁ ଏହା କରିବା ଲାଗି ସେ ଉତ୍ସାହିତ କଲେ।
ଆରମ୍ଭରୁ ତାଙ୍କର ଏହି ମହତ୍ ଉଦ୍ଦେଶ୍ୟରେ ପ୍ରତିବନ୍ଧକ ଦେଖା ଦେଇଥିଲା।
ଆମେ ଆପଣଙ୍କୁ ବିଶ୍ୱାସ କରୁନାହିଁ। ଆପଣଙ୍କର ରାଜନୀତିରେ ଯୋଗ ଦେବା ଭଳି ଆଉ ଏକ ଉଦ୍ଦେଶ୍ୟ ଯଦି ଥିବ ?
ରାଜନୀତି ପ୍ରତି ମୋର ଆଗ୍ରହ ନାହିଁ, ସାର୍। ପ୍ରକୃତି ଆମକୁ ଅନେକ କିଛି ଦେଇଛି, ତେଣୁ ପରିବେଶର ସୁରକ୍ଷା ଓ ସଂରକ୍ଷଣ ମୋର କର୍ତ୍ତବ୍ୟ।
ଖରାଦିନେ ଗଛରେ ପାଣି ଦେବା ଏକ କଷ୍ଟକର କାମ ଥିଲା। କିନ୍ତୁ -
ମୁଁ ଜାଣେ! ମୁଁ ପାଣି ଟାଙ୍କି ତିଆରି କରିବି ଏବଂ ମୋ ପାଇଁ ଗଛରେ ପାଣି ଦେବାକୁ ସହାୟକମାନଙ୍କୁ କାମରେ ଲଗାଇବି।
ଏହା ସହିତ, ସବୁଦିନ ସୁରେଶ ନିଜେ ଚାରାଗୁଡ଼ିକର ବୃଦ୍ଧି ତଦାରଖ କରୁଥିଲେ।


ସୁରେଶଙ୍କ ଉଦ୍ୟମ ଯୋଗୁଁ ସେ ଅଞ୍ଚଳରେ ଆଜି ପୀତାମାରି, ନିମ୍ବ, ଗଙ୍ଗଶିଉଳି, ଜାକାରଣ୍ଡା ଫୁଲଗଛ ଭଳି ଅନେକ ଗଛ ଶୋଭା ପାଉଛି।
ସେଠାକାର ହାୱା ବି ପରିଷ୍କାର ଓ ସତେଜ ଲାଗୁଛି ଏବଂ ସହରରେ ରହିବା ଲାଗି ଏ ଅଞ୍ଚଳର ଚାହିଦା ଏବେ ସର୍ବାଧିକ।
ସୁରେଶ ମଧ କର୍ଣ୍ଣାଟକର ଭାଷା, ଇତିହାସ ଏବଂ ସଂସ୍କୃତିର ବିକାଶ ଦିଗରେ କାମ କରିଛନ୍ତି।
ଏଥିପାଇଁ ସେ ବସ୍ ଯାତ୍ରୀଙ୍କ ପାଇଁ ଏକ 500 ବର୍ଗଫୁଟର ବିଶ୍ରାମାଗାର ତିଆରି କରିଛନ୍ତି ଯେଉଁଥିରେ ରାଜ୍ୟର କବି ଓ ଅନ୍ୟ ପ୍ରସିଦ୍ଧ ବ୍ୟକ୍ତିମାନଙ୍କର ଚିତ୍ର ରହିଛି।
ଏହି ବସ୍ ଷ୍ଟାଣ୍ଡରେ, କନ୍ନଡ଼ ଭାଷାରେ- ଭକ୍ତିଗୀତରୁ ଆରମ୍ଭ କରି ଲୋକଗୀତ, ଶାସ୍ତ୍ରୀୟ ଓ ସିନେମା ଗୀତ ମଧ ପରିବେଷିତ ହୁଏ
ଲୋକଙ୍କୁ ଶିକ୍ଷିତ କରାଇବାକୁ କେତେ ସୃଜନଶୀଳ ଉପାୟ!
କେତେକ ଗୀତରେ କର୍ଣ୍ଣାଟକର ସମୃଦ୍ଧ ଇତିହାସ ସଂପର୍କିତ ତଥ୍ୟକୁ ସ୍ୱତନ୍ତ୍ର ଭାବରେ ରେକର୍ଡ କରାଯାଇଛି।
ଏହି ସମସ୍ତ ପ୍ରଶଂସା ସତ୍ତ୍ୱେ ସୁରେଶ ଜଣେ ସରଳ ଚିନ୍ତାଧାରାର ସରଳ ମଣିଷ ହୋଇ ରହିଛନ୍ତି।
ଆମ ପରିବେଶ ଓ ସଂସ୍କୃତିର ସୁରକ୍ଷା ନିମନ୍ତେ ମୁଁ ଗଛ ଲଗାଇବା ଅବ୍ୟାହତ ରଖିବି – କାରଣ ମୁଁ କରିପାରିବି ଏବଂ ନିଶ୍ଚୟ କରିବି।

# ତୁଲସୀ ରାମ ଯାଦବ




*ଗାଁର ମୁଖିଆ


ତୁଳସୀ ରାମଙ୍କ ଚିନ୍ତାଧାରା ପ୍ରତି ଗାଁ ଲୋକେ ଆଗ୍ରହୀ ହେଲେ, କିନ୍ତୁ କେମିତି ଆଗେଇବାକୁ ହେବ ସେ ସଂପର୍କରେ ନିଶ୍ଚିତ ନଥିଲେ।
ପାପା, ତୁଳସୀ ରାମ ଜୀ 'ଗାଁର ପାଣି ଗାଁରେ ରହେ' ବୋଲି କହିବାର ମାନେ କ'ଣ?
ଏହାର ମାନେ ଗାଁରେ ଥିବା ପାଣିକୁ ଆମେ ପିଇବାକୁ ଏବଂ ଘରର ଅନ୍ୟାନ୍ୟ କାମରେ ବ୍ୟବହାର କରିବାକୁ ରଖିବା ଉଚିତ। ଏହାକୁ ନଷ୍ଟ କରିବା କିମ୍ବା ଅନ୍ୟ କେଉଁଠାରେ ବ୍ୟବହାର କରିବା ଉଚିତ ନୁହେଁ।
ତେଣୁ, ଆମ ଭିତରୁ ପ୍ରତ୍ୟେକ ବ୍ୟକ୍ତି ପାଣି ବଞ୍ଚାଇବାରେ ସାହାଯ୍ୟ କରିପାରିବେ?
ହଁ, ପାଣିର ପ୍ରତିଟି ବିନ୍ଦୁ ଗୁରୁତ୍ୱପୂର୍ଣ୍ଣ ବୋଲି ବୁଝିପାରିଲେ, ଆମେ ଆମ ପାଣି ସମସ୍ୟାର ସମାଧାନ କରିପାରିବା।
ଚାଷକାମ ପାଇଁ ବର୍ଷାପାଣି ସଞ୍ଚୟ ଆରମ୍ଭ କରିବାକୁ ତୁଳସୀ ରାମ ଚାଷୀମାନଙ୍କୁ ପରାମର୍ଶ ଦେଲେ।
ଆସନ୍ତୁ ଆମେ ଆମ କ୍ଷେତରେ ପୋଖରୀ ଖୋଳିବା ଏବଂ ସେଗୁଡ଼ିକୁ କେନାଲ ସହ ସଂଯୋଗ କରିବା। ଆମେ ବର୍ଷାପାଣିକୁ ଚାଷକାମ ପାଇଁ ସଂଗ୍ରହ କରିବା।
ତାହା ଆମକୁ ବର୍ଷ ସାରା ଫସଲ କରିବାରେ ସାହାଯ୍ୟ କରିବ। ଆମେ ଅତି ଶୀଘ୍ର ଏହା କରିବା ଉଚିତ।
ଚାଷୀମାନେ 40ରୁ ଅଧିକ ପୋଖରୀ ଖୋଳି ସେଗୁଡ଼ିକୁ କେନାଲ ସହ ସଂଯୁକ୍ତ କରାଇଲେ।
ବର୍ଷ ପରେ ବର୍ଷ ବିତିବାରେ ଲାଗିଲା -
ଦିନେ ଶୁଖି ଯାଇଥିବା ପୋଖରୀଗୁଡ଼ିକ ଏବେ ପାଣିରେ ଭରିଯାଇଛି ଏବଂ ଆମ ପାଇଁ ସମୃଦ୍ଧି ଆଣିଦେଇଛି।
ହଁ, ତୁଳସୀ ରାମ ଜୀ ଠିକ୍ କହୁଥିଲେ। ଲୁଖତାରା ଏବେ ଏକ ଆଦର୍ଶ ଗାଁ।
ପ୍ରଧାନ ମନ୍ତ୍ରୀ ମୋଦି ତାଙ୍କ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ତୁଳସୀ ରାମ ଯାଦବଙ୍କ ପ୍ରୟାସକୁ ପ୍ରଶଂସା କରିବା ପରେ -
ତୁଳସୀ ରାମ ଜୀ, ଆପଣ ଜଣେ ଜଳ-ସଞ୍ଚୟକାରୀ ମହାନ ବ୍ୟକ୍ତି। ଏବେ ସାରା ପୃଥିବୀ ଆମ ଗାଁକୁ ଜାଣିଛି।
ଆମେ ଏକାଠି କାମ କଲୁ ଏବଂ ଏହି ପରିବର୍ତ୍ତନ କରିପାରିଲୁ।



मन की बात 100

MANN KI BAAT 100

# ମନ୍ କୀ ବାତ୍

## ଭାଗ 8

"ପୃଥିବୀରେ ମଣିଷର ଆବଶ୍ୟକତା ପୂରଣ ଲାଗି ପର୍ଯ୍ୟାପ୍ତ ଜିନିଷ ରହିଛି, କିନ୍ତୁ ମଣିଷର ଲାଳସା ମେଣ୍ଟାଇବା ପାଇଁ ନାହିଁ।" ଆମ ଜାତିର ଜନକ ମହାତ୍ମା ଗାନ୍ଧିଙ୍କର ଏହି ଉକ୍ତି ଆଜିର ଦ୍ରୁତ ଧାବମାନ ବିଶ୍ୱରେ ପ୍ରାୟତଃ ବିସ୍ମୃତ। ବ୍ୟବସାୟ ଓ ଶିଳ୍ପ ଜଗତର ଅଭିବୃଦ୍ଧି ସହିତ ହଜାର ହଜାର କିଲୋ ବର୍ଜ୍ୟବସ୍ତୁ ନିଷ୍କାସିତ ହେଉଛି ଏବଂ ଏହି ପ୍ରକ୍ରିୟାରେ ଆମ ପରିବେଶର ଅପୂରଣୀୟ କ୍ଷତିସାଧନ କରୁଛି। ହେଲେ, ଏହାର ପ୍ରତିରୋଧ ପାଇଁ କେବଳ ଏତିକି ଦରକାର ଯେ, ଅଳ୍ପ କେଇ ଜଣ ଦାୟିତ୍ୱବାନ ନାଗରିକ ଜାଗି ଉଠିବେ ଏବଂ ଦାୟିତ୍ୱ ତୁଲାଇବେ।

'ମନ୍ କୀ ବାତ୍'ର ଅଷ୍ଟମ ଭାଗରେ ଦେଶର ଏମିତି କେତେକ ଲୋକଙ୍କ କଥା ରହିଛି, ଯେଉଁମାନେ ସେମାନଙ୍କ ଆଖପାଖରେ ଗୋଟିଏ ସମସ୍ୟା ଦେଖିଲେ ଏବଂ ଏହାର ସମାଧାନ ଲାଗି ନିଜ ଉପରକୁ ଦାୟିତ୍ୱ ନେଲେ।

ଘରଚଟିଆମାନଙ୍କୁ ବିଲୁପ୍ତିରୁ ରକ୍ଷା କରିବା ଉଦ୍ଦେଶ୍ୟରେ ସେମାନଙ୍କ ପାଇଁ ବସା ତିଆରି କରିଥିବା ଇନ୍ଦରପାଲ ସିଂହ ବାତ୍ରାଙ୍କଠାରୁ ଆରମ୍ଭ କରି ତାମିଲନାଡୁରେ ନାଗାନଦୀକୁ ପୁନରୁଜ୍ଜୀବିତ କରିଥିବା ମହିଳାଙ୍କ ପର୍ଯ୍ୟନ୍ତ, ଏହି ଏଗାରଟି କାହାଣୀରେ ସେହି ସବୁ ମହାନ ବ୍ୟକ୍ତିଙ୍କ ସଂପର୍କରେ କୁହାଯାଇଛି ଯେଉଁମାନେ ପରିବେଶର ସୁରକ୍ଷା କରିଛନ୍ତି।

ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଉଚିତ ମାର୍ଗରେ ଯାଇଛନ୍ତି ଏବଂ ଲକ୍ଷ୍ୟ ହାସଲ ଉଦ୍ଦେଶ୍ୟରେ ସେମାନଙ୍କ ଯାତ୍ରାରେ ସାମିଲ ହେବା ଲାଗି ଅନ୍ୟ ଶହ ଶହ ବ୍ୟକ୍ତିଙ୍କୁ ଅନୁପ୍ରାଣିତ କରିଛନ୍ତି।



₹99
www.amarchitrakatha.com
ISBN 978-93-6127-321-6
9 789361 273216